# REGIONAL NEWS UNIT, AIR CUTTACK

## Morning Bulletin (9.52AM)

**15 August– 2026**

# ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

ଦେଶ ଆଜି ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଛି । ଏହି ଅବସରରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟପତାକା ଉତ୍ତୋଳନ କରିଛନ୍ତି । ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କୌଣସି ଦେଶ ନିଜ ସ୍ୱପ୍ନ, ସଂକଳ୍ପ ଓ ସାମର୍ଥ୍ୟ ବଳରେ ବିକଶିତ ହୋଇଥାଏ । ଆଜି ଆମକୁ ବଡ ସ୍ୱପ୍ନ ଦେଖିବାର ଆବଶ୍ୟକତା ରହିଛି, ଏଥିପାଇଁ ଆମ ସଂକଳ୍ପ ଦୃଢ ଓ ଉଚ୍ଚ ହେବା ଦରକାର । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ଦେଶ ଅଗ୍ରଗତି କରୁଛି । ଏ ସମୟ ମଧ୍ୟରେ ବିଶ୍ୱର ଦୃଷ୍ଟିଭଙ୍ଗୀ ଭାରତ ପ୍ରତି ବଦଳିଛି । ଗତ ଦଶନ୍ଧିରେ ୨୫କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି । ବିକାଶ, ବିଶ୍ୱାସ ଓ ପ୍ରୟାସ ମାଧ୍ୟମରେ ଆଜି ଦେଶ ମାଓବାଦୀ ମୁକ୍ତ ହୋଇଛି। ପ୍ରତିରକ୍ଷା ଉତ୍ପାଦନ ଚାରିଗୁଣ ବୃଦ୍ଧି ପାଇବା ସହ ମେଟ୍ରୋର ବିସ୍ତାର, ସାଧାରଣ ଯାତାୟତର ଗୁରୁତ୍ୱ ବୃଦ୍ଧି ପାଇଛି । ଆଜି କୃତ୍ରିମ ବୁଦ୍ଧିବତ୍ତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦେଶର ୧କୋଟି ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯିବ । ଦେଶକୁ

ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର କରିବା ନିତ୍ୟାନ୍ତ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

**V/O**

ଦେଶରେ ବର୍ତ୍ତମାନ ତିନୋଟି ସେମିକଣ୍ଡକ୍ଟର ପ୍ଲାଣ୍ଟ କାର୍ଯ୍ୟକ୍ଷମ ରହିଥିବାବେଳେ ଆଗାମୀ ଦିନରେ ଆହୁରି ୫ରୁ ୮ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବ । ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ଯୁଗରେ କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ ଟେକ୍ନୋଲୋଜି, ସ୍ପେସ୍, ରୋବୋଟିକ୍, ଡାଟାସେଣ୍ଟରକୁ ଗୁରୁତ୍ୱ ଦେଇ ଭାରତକୁ ଉଦ୍‌ଭାବନର କେନ୍ଦ୍ର ହେବାକୁ ପଡିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଯୁବପିଢିଙ୍କୁ ରାଷ୍ଟ୍ର ସର୍ବୋପରି ନୀତି ଆଧାରରେ କାର୍ଯ୍ୟ କରିବା ସହ ସଠିକ୍ ଜନଗଣନାରେ ସକ୍ରିୟ ଅଂଶଗ୍ରହଣ କରି ଏହି ପ୍ରକ୍ରିୟାକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି । ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା ପ୍ରଧାନମନ୍ତ୍ରୀ ସପ୍ତଧାରା ସମ୍ପର୍କରେ ଆଲୋଚନା କରିଛନ୍ତି ।

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଅବସରରେ ଆଜି ପ୍ରଥମ ଥର ପାଇଁ ଲାଲକିଲ୍ଲାଠାରେ ଆଜି 'ବନ୍ଦେ ମାତରମ୍' ଗାନ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିଭାଦନ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୧୨ବର୍ଷ ମଧ୍ୟରେ ଦେଶ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ରଭାବେ ପ୍ରତିଷ୍ଠିତ ହୋଇପାରିଛି । ଦେଶର ପ୍ରକୃତ ନାଗରିକ ହେଉଛନ୍ତି ଦେଶର ଆତ୍ମା । ଦେଶ ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗତି କରୁଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

କଟକରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିବା ଖବର ଆମର ହସ୍ତଗତ ହେବାରେ ଲାଗିଛି ।

## ରାଷ୍ଟ୍ରପତିଙ୍କ ସମ୍ବୋଧନ

ଯୁବବର୍ଗ ହେଉଛନ୍ତି, ଦେଶର ମୂଲ୍ୟବାନ ସମ୍ପତ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଗତକାଲି ଦେଶବାସୀଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ସାଧାରଣ ପରୀକ୍ଷାଗୁଡିକରେ ଅସାଧୁ କାର୍ଯ୍ୟ ରୋକିବା ଦିଗରେ ସରକାର ସଂସ୍କାର ମୂଳକ ପଦକ୍ଷେପ ନେଉଛନ୍ତି । ଏହା ଫଳରେ ପରୀକ୍ଷା ବ୍ୟବସ୍ଥା ସ୍ୱଚ୍ଛ, ସୁରକ୍ଷିତ ଓ ବିଶ୍ୱାସଯୋଗ୍ୟ ହୋଇପାରିବ । ଯେଭଳି ଦେଶର ସୁରକ୍ଷା

ସୁନିଶ୍ଚିତ କରିବା ପାଇଁ ସରକାର ଓ ସମାଜ ଏକାଠି ହୋଇଥାନ୍ତି, ସେହିଭଳି ଛାତ୍ରଛାତ୍ରୀଙ୍କ ବର୍ତ୍ତମାନ ଓ ଭବିଷ୍ୟତର ସୁରକ୍ଷା ପାଇଁ ମିଳିତ ଏବଂ ସୁଦୃଢ ଉଦ୍ୟମ ଲାଗି ସମସ୍ତଙ୍କର ଅବଦାନ ରହିବା ଆବଶ୍ୟକ ବୋଲି ରାଷ୍ଟ୍ରପତି କହିଛନ୍ତି । ରାଷ୍ଟ୍ରପତି ଖେଳ ଇଣ୍ଡିଆ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ଯୁବବର୍ଗଙ୍କ ବିକାଶ ଓ ରାଷ୍ଟ୍ର ଗଠନରେ କ୍ରୀଡାର ମହତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଭାରତ ଏହାର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ବ୍ୟାପକ ଡିଜିଟାଲ ଭିତ୍ତିଭୂମି, ସଶକ୍ତ ଯୁବ ଓ ମହିଳା ଶକ୍ତି ମାଧ୍ୟମରେ ୨୦୪୭ ମସିହା ସୁଦ୍ଧା ବିକଶିତଭାରତ ଗଠନ ଆଗେଇ ଚାଲିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

# ଜାତିଗତ ଜନଗଣନା

ଦେଶରେ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ସାଧାରଣ ଜନଗଣନା ସହ ଜାତିଗତ ଜନଗଣନା କରାଯିବ । ଏ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜନଗଣନା ପାଇଁ ୪୦ଟି ପ୍ରଶ୍ନକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ସେଥିରେ ଜାତିତଥ୍ୟକୁ ସାମିଲ କରାଯାଇଛି । ସୂଚନା ଅନୁସାରେ ଲଦାଖ ସମେତ ଜାମ୍ମୁ କଶ୍ମୀର, ହିମାଳଚ ପ୍ରଦେଶ ଆଦି ବରଫାବୃତ୍ତ ଅଞ୍ଚଳରେ ଆସନ୍ତା ପହିଲାରୁ ଏହି ଗଣନା କରାଯିବ । ସେହିଭଳି ଦେଶର ବାକି ଅଞ୍ଚଳଗୁଡିକରେ ଆସନ୍ତା ବର୍ଷଠାରୁ ଜନଗଣନା ଆରମ୍ଭ କରାଯିବ ।

## କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ

ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ବର୍ତ୍ତମାନ କ୍ରାଇମବ୍ରାଞ୍ଚର ମହାନିର୍ଦ୍ଦେଶକ ଥିବା ବିନୟତୋଷ ମିଶ୍ରଙ୍କୁ କାର୍ଯ୍ୟକାରୀ ପୁଲିସ ମହାନିର୍ଦ୍ଦେଶକଭାବେ ଦାୟିତ୍ୱ ଦିଆଯାଇଛି । ଆସନ୍ତାକାଲି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ କାର୍ଯ୍ୟକାଳ ଶେଷ ହେଉଛି ।

## ବନ୍ୟା

ଝାଡଖଣ୍ଡ ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସଂଲଗ୍ନ ଅବପାତ ଆଜି ସୁଦ୍ଧା ଦୁର୍ବଳ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବା ନେଇ ସୁନ୍ଦରଗଡ, ଝାରସୁଗୁଡା ଓ ବରଗଡ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ବୈତରଣୀ ଓ ଜଳକା ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ବୁଢାବଳଙ୍ଗ, ସୁବର୍ଣ୍ଣରେଖା ସମେତ ଅନ୍ୟ ଶାଖାନଦୀ ଗୁଡିକରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ବନ୍ୟା ଯୋଗୁଁ ୬ଟି ଜିଲ୍ଲାର ୫୨ଟି ବ୍ଲକର ୪୨୯ଗ୍ରାମର ୨୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକ

ପ୍ରଭାବିତ ହୋଇଥିବା  ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।